# Akashvani, Sambalpur

## SAMBALPURI NEWS EVENING BULLETIN

## 18 April 2026-7.02- 7.12 pm.

---

୧- ଦେଶ୍‌ବାସୀଙ୍କୁ ଆଉ କିଛି ସମିଆ ଉତ୍‌ରୁ ସମ୍ବୋଧନ୍ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୨- କେନ୍ଦ୍ର ସର୍‌କାରୀ କର୍ମଚାରୀ ଆଉ ପେନ୍‌ସନ୍‌ଭୋଗୀମାନ୍‌କର୍ ବଢ଼୍‌ଲା ୨ ପ୍ରତିଶତ୍ ମହଙ୍ଗାଭତା ।

ଆଉର୍

୩- ଭୁବ୍‌ନେଶ୍ୱର୍ ନ ଆଏବା କାଏଲ୍ ଥ୍ରିଡିଜିଏସ୍ ସେମିକଣ୍ଡକ୍ଟର୍ ପ୍ରକଳ୍ପର୍ ହେବା ଶିଲାନ୍ୟାସ୍ ।

- ଯୋଗ୍ ଦେବେ ମୁଖ୍ୟମନ୍ତ୍ରୀ ଆଉ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଆଉ ସୂଚନାପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ।

ପ୍ରଧାନ୍‌ମନ୍ତ୍ରୀ-ସମ୍ବୋଧନ୍       ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ରାତି ସାଢ଼େ ୮ ବଜେ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଲୋକ୍‌ସଭା ଆଉ ରାଜ୍ୟ ବିଧାନ୍‌ସଭା ମାନ୍‌କେ ମହିଲା ସଂରକ୍ଷଣ୍ ବିଲ୍ କାର୍ଯ୍ୟକାରୀ କର୍‌ବାର୍ ଆଉ ଶହେ ୩୧ ନମ୍ବର୍ ସମ୍ବିଧାନ୍ ସଂଶୋଧନ୍ ବିଲ୍ ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀ ଆଲୋଚନା କର୍‌ବେ ବଲି ତାଙ୍କର୍ କାର୍ଯ୍ୟାଲୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବଜେଟ୍ ସେସନ୍- ମୁଲ୍‌ତବୀ       ଆର୍‌ଏନ୍‌ୟୁ/ କଟକ୍

ସଂସଦ୍‌ର ଦୁହି ସଦନ୍‌କେ ଅନିର୍ଦ୍ଦିଷ୍ଟ କାଲତକ୍ ମୁଲ୍‌ତବୀ ରଖାଯାଇଛେ । ଇତାର୍‌ସହେତେ ବଜେଟ୍ ଅଧିବେଶନ୍ ଶେଷ୍ ହେଇଛେ । ଗଲା ଜାନୁଆରୀ ମାସ ୨୮ ତାରିଖ୍‌ଥି ସଂସଦ୍‌ର ବଜେଟ୍ ଅଧିବେଶନ୍ ମୁଲ୍ ହେଇଥିଲା । ବାଚସ୍ପତି ଓମ୍ ବିର୍ଲା ଲୋକ୍‌ସଭା ନ ବିଦାୟୀ ଅଭିଭାଷଣ୍‌ଥି କହିଛନ୍, ବଜେଟ୍ ଅଧିବେଶନ୍ ସମିଆଥି ଗୃହ ନ ୯୩ ପ୍ରତିଶତ୍ କାମ୍ ହେଇଛେ ।

ମୋଟ୍ ୩୧ ଟା ବୈଠକ୍ ହେବାର୍ ସହେତେ ୧୨ ଟା ସର୍କାରୀ ବିଲ୍ ଆଗତ୍ ହେଇଥିଲା । ସେ ଭିତ୍ରୁ ୯ ଟା ଆଲୋଚନା ହେଇକରି ପାରିତ୍ ହେଇଛେ ।

ରାଜ୍ୟସଭା ନ ବିଦାୟୀ ଅଭିଭାଷଣ୍ଥି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ କହିଛନ୍, ସାମଗ୍ରିକ୍ ଭାବେ ଗୃହ ନ ମୋଟ୍ ଶହେ ୫୭ ଘଂଟା ନୁ ଅଏତ୍କା ସମିଆ ଧରିକରି କାମ୍ କରାଯାଇଛେ । ଇ କ୍ଷେତ୍ର ନ ଶହେ ୧୦ ପ୍ରତିଶତ୍ ସଫଲତା ହାସଲ୍ ହେଇଛେ । ଇ ଅଧିବେଶନ୍ ସମିଆଥି ରାଜ୍ୟସଭାର୍ ଉପାଧ୍ୟକ୍ଷ ଭାବେ ହରିବଂଶ ନାରାୟଣ ସିଂ ୩ ନମ୍ବର୍ ଥର୍ ଲାଗି ଦାୟିତ୍ୱ ଗ୍ରହଣ୍ କରିଛନ୍ ।

ମହଙ୍ଗାଭତା ବୃଦ୍ଧି ପି.ଆଇ.ବି.

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଥିବା କେନ୍ଦ୍ର କେବିନେଟ୍ ବୈଠକ୍ଥି କେନ୍ଦ୍ର ସର୍କାରୀ କର୍ମଚାରୀମାନ୍କର୍ ମହଙ୍ଗାଭତା- ଡିଏ ଆଉ ପେନ୍ସନ୍ଭୋଗୀ ମାନ୍କୁ ମହଙ୍ଗା ସାହାଜ୍- ଡି.ଆର୍. ୨

ପ୍ରତିଶତ୍ ବଢ଼ାଯାଇଛେ । ଇ ବାବ୍‌ଦେ ଅଏତ୍‌କା ସୂଚ୍‌ନା ଦେଇକରି କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍, ବଢ଼୍‌ତି ଡିଏ ଆର୍ ଡି.ଆର୍. ଗଲା ଜାନୁଆରୁ ମାସ୍‌ନୁ ପିଛିଲା ଭାବେ ଲାଗୁ ହେବା । ଏଛେନ୍‌ର ୫୮ ପ୍ରତିଶତ୍ ଡିଏ ଦିଆଯାଉଥିବାର୍ ବେଲେ ଇଟା ବଢ଼ିକରି ୬୦ ପ୍ରତିଶତ୍ ହେଇଛେ । ମହଙ୍ଗାଭତା ଆଉ ସାହାଜ୍ ବଢ଼୍‌ବାର୍ ଉତ୍‌ରୁ କେନ୍ଦ୍ର ସର୍‌କାର୍ ବଛର୍‌କ ଅଏତ୍‌କା ୬ ହଜାର୍ ୭ ଶହ ୯୧ ଦଶ୍‌ମିକ୍ ୨୪ କୋଟି ଟଙ୍କା ଖର୍ଚ୍ଚା କରବେ । ଇ ମହଙ୍ଗାଭତା ବଢ଼୍‌ବାର୍‌ନୁ ୫୦ ଲାଖ୍ ନୁ ଅଏତ୍‌କା କେନ୍ଦ୍ର ସର୍‌କାରୀ କର୍ମଚାରୀ ଆଉ ୬୮ ଲାଖ୍ ନୁ ଅଏତ୍‌କା ପେନ୍‌ସନ୍ ଭୋଗୀ ଲାଭ୍ ପାଏବେ ବଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ।

ସେମି କଣ୍ଡକ୍ଟର୍ ପ୍ରକଳ୍ପ ଶିଲାନ୍ୟାସ୍ ପି.ଆଇ.ବି.

ଭୁବ୍‌ନେଶ୍ୱର୍ ଇନ୍‌ଫୋଭେଲି -୨ ଠାନେ ଆଏବାକାଏଲ୍ ହେଟ୍ରେଜେନସ୍ ଇଂଟିଗ୍ରେସନ୍ ପେକେଜିଂ ସଲ୍ୟୁସନ୍ ବା ଥ୍ରିଡି

ଗ୍ଲାସ୍ ସଲ୍ୟୁସନ୍- ଥ୍ରିଡିଜିଏସ୍ ସେମି କଣ୍ଡକ୍ଟର୍ ପ୍ରକଳ୍ପର୍ ଶିଲାନ୍ୟାସ୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଆଉ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ପ୍ରକଳ୍ପର୍ ଶିଲାନ୍ୟାସ୍ କର୍‌ବେ । କାର୍ଯ୍ୟକ୍ରମ୍‌ଥି ରାଜ୍ୟ ଇଲେକ୍ଟ୍ରୋନିକ୍ସ ଆଉ ଆଇ.ଟି. ମନ୍ତ୍ରୀ ମୁକେଶ୍ ମହାଲିଙ୍ଗଙ୍କର୍ ସହେତେ ଅଲ୍‌ଗା ବ୍ୟକ୍ତିବିଶେଷ୍‌ମାନେ ଉପସ୍ଥିତ୍ ରହେବେ । ଇ ସେମିକଣ୍ଡକ୍ଟର୍ ପ୍ରକଳ୍ପ ହେଉଛେ ଭାରତ୍‌ର ପହେଲା ଅତ୍ୟାଧୁନିକ ଗ୍ଲାସ୍ ସେମିକଣ୍ଡକ୍ଟର୍ ପେକେଜିଂ ୟୁନିଟ୍ । ଇ ପ୍ରକଳ୍ପ ହେବାର୍‌ନୁ ପୁର୍‌ଥିର୍ ସବୁନୁ ଆଧୁନିକ ଚିପ୍ ପେକେଜିଂ ପ୍ରଯୁକ୍ତିବିଦ୍ୟା ଭାରତ୍‌କେ ଆସିପାର୍‌ବା । ଇ ପ୍ରକଳ୍ପ ଲାଗି ୧ ହଜାର୍ ୯ ଶହ ୪୩ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ କରାଯିବା । ଇଟା ହେବାର୍‌ନୁ ୨ ହଜାର୍ ୫ ଶହ ନୁ ଅଏତ୍‌କା ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା । ଇନ ତିଆର୍ ହେବାର୍‌କେ ଥିବା ଚିପ୍‌ମାନେ ମହାକାଶ୍, ପ୍ରତିରକ୍ଷା, ଏ.ଆଇ., ଫାଇଭ୍-ଜି ପ୍ରଯୁକ୍ତିବିଦ୍ୟା ଆଉ ଡାଟା ସେଂଟର୍ ବାଗିର୍ କ୍ଷେତ୍ର ମାନ୍‌କେ ବେଭାର୍ କରାଯିବା । ଇ ପ୍ରକଳ୍ପ

ଓଡ଼ିଶାର୍ ସେମିକଣ୍ଡକ୍ଟର୍ ଇକୋସିଷ୍ଟମ୍‌କେ ଆହୁରି ମଜ୍‌ବୁତ୍ କର୍‌ବା ।

ନିଯୁକ୍ତିପତ୍ର ବଂଟନ୍        ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ୨୩ ତାରିକ୍ ଦିନ ଭିନ୍ ଭିନ୍ ବିଭାଗ୍‌ଥି ୫ ଶହ ୫୧ ଝନ୍‌କୁ ନିଯୁକ୍ତି ପତ୍ର ବାଂଟ୍‌ବେ । ସାଧାରଣ୍ ପ୍ରଶାସନ୍ ବିଭାଗ୍ ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଦକ୍ଷତା ବିକାଶ୍ ଆଉ ବୈଷୟିକ ଶିକ୍ଷା ବିଭାଗ୍, ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିକାଶ୍ ବିଭାଗ୍, ଜଙ୍ଗଲ୍, ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତ୍ତନ୍ ବିଭାଗ୍, ଇସ୍ପାତ୍ ଆଉ ଖଣି ବିଭାଗ୍, ପଂଚାୟତିରାଜ୍ ଆଉ ପାନୀୟ ଜଲ ବିଭାଗ୍ ଆଉ ଏମ୍‌ଏସ୍‌ଏମ୍‌ଇ ବିଭାଗ୍‌ଥି ଭିନ୍ ଭିନ୍ ପଦବୀ ଲାଗି ନିଯୁକ୍ତି ଦିଆଯିବା ।

ଯୋଜନା ବୋର୍ଡ଼ର ନାଁ ପରିବର୍ତ୍ତନ୍        ଆର୍‌ଏନ୍‌ୟୁ/ କଟକ୍

ରାଏଜେ ରୂପାନ୍ତରଣ୍ ପଦକ୍ଷେପ୍ ଲାଗି ଷ୍ଟେଟ୍ ଇନ୍ଷ୍ଟିଚ୍ୟୁଟ୍ ଫର୍ ଟ୍ରାନ୍ସଫର୍ମେଟିଭ୍ ଇନିସିଏଟିଭ୍- ଏସ୍.ଆଇ.ଟି.ଆଇ.- ଓଡ଼ିଶା ପ୍ରତିଷ୍ଠାନ୍ ଥାପ୍ନା କରାଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇତାର୍ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାବେ । ୪ ଝନ୍ ବିଶିଷ୍ଟ ବ୍ୟକ୍ତିଙ୍କୁ ପୂର୍ଣ୍ଣକାଳୀନ ସଦସ୍ୟ ଭାବେ ଇଥି ସାମିଲ୍ କରାଯିବା । ସଦସ୍ୟମାନ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟାର୍ ସବୁ ପ୍ରକାର୍ ସୁବିଧା ସୁଯୋଗ୍ ଦିଆଯିବା । ୨୦୩୬ ମସିହାତକ୍ ସମୃଦ୍ଧ ଓଡ଼ିଶା ଆଉ ୨୦୪୭ ମସିହାତକ୍ ବିକଶିତ୍ ଭାରତ୍ର ଲକ୍ଷ୍ୟ ପୂରଣ୍ ଦିଗେ ଏସ୍ଆଇଟିଆଇ, ଓଡ଼ିଶା କାମ୍ କର୍ବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ରାଜ୍ୟ ଯୋଜନା ବୋର୍ଡ଼୍କେ ପରିବର୍ତନ୍ କରାଯାଇକରି ଏସ୍ଆଇଟିଆଇ, ଓଡ଼ିଶା ଭାବେ ନାମିତ୍ କରାଯାଇଛେ ।

ରତ୍ନଭଣ୍ଡାର୍ ଗଣ୍ତିମଣ୍ତି ଆର୍ଏନ୍ୟୁ କଟକ୍

ପୁରୀ ଶ୍ରୀମନ୍ଦିର୍ ଭିତର୍ ରତ୍ନଭଣ୍ଡାର୍ ଗନ୍ତିମନ୍ତି କାମ୍ ଆଏଜ୍ ୪ ନମ୍ବର୍ ଦିନେ ଜାରି ରହିଛେ । ସର୍କାର୍ଙ୍କର୍

ଅନୁମୋଦିତ ମାର୍ଗଦର୍ଶିକା ଅନ୍‌ସାରେ, ସକାଳ ଧୂପନୀତି ଉତ୍‌ରୁ ଇ ପ୍ରକ୍ରିୟା ମୁଲ୍ ହେଇଥିଲା । ୧୯୭୮ ମସିହାର୍ ତାଲିକା ସଙ୍ଗେ ଗଣ୍ତି ମେଲ୍ କରାଯାଉଛେ । ସବୁ ଅଲଙ୍କାର୍‌ମାନ୍‌କର୍ ଭିଡ଼ିଓ, ଫଟୋଗ୍ରାଫି ଆଉ ଥ୍ରିଡି ମେପିଂ କରାଯାଉଛେ । ମାହାପ୍ରଭୁଙ୍କର୍ ଇ କାମ୍‌ଥି ରତ୍ନଭଣ୍ଡାର୍ ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ୍ ରଥ, ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ପ୍ରମୁଖ ସାମିଲ୍ ଅଛନ୍ । ଭିତର ରତ୍ନଭଣ୍ଡାର୍‌ର ଗଣ୍ତିମନ୍‌ତି କାମ୍ ଖାସ୍ ହେଇଥିବାର୍‌ନୁ ଦର୍‌କାର୍ ଅନ୍‌ସାରେ ଅଏତ୍‌କା ସଦସ୍ୟ କାମ୍‌ଥି ନିୟୋଜିତ ହେଇଛନ୍ ବଲି ଜଷ୍ଟିସ୍ ରଥ କହିଛନ୍,

(ଭଏସ୍ ଓଭର୍- ଜଷ୍ଟିସ୍ ରଥ)

ଗ୍ରୀଷ୍ମପ୍ରବାହ-ବୈଠକ୍ ଆଇ.ଆଣ୍ଡ୍.ପି.ଆର୍

ରାଏଜେ ଗ୍ରୀଷ୍ମପ୍ରବାହର୍ ମୁକାବିଲା ଲାଗି ଓଡ଼ିଶା-ଛତିଶ୍‌ଗଡ଼୍ ଭିତ୍‌ରେ ସମନ୍ୱୟ ବୈଠକ୍ ହେଇଯାଇଛେ । ବନ୍ଧବାହାଲ୍‌ର ଏମ୍‌ସିଏଲ୍ ସଭାଗୃହ ନ ହେଇଥିବା ଇ ବୈଠକ୍‌ଥି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆଭାସୀ ଜରିଏ

ଯୋଗ୍ ଦେଇକରି ଶୂନ୍ୟମୃତ୍ୟୁ ଲକ୍ଷ୍ୟ ନେଇକରି ଗ୍ରୀଷ୍ମପ୍ରବାହର୍ ମୁକାବିଲା ଲାଗି ପ୍ରସ୍ତୁତ୍ ରହେବାର୍‌କେ ଝାର୍‌ସୁଗୁଡ଼ା ଜିଲ୍ଲାପାଲ୍ ଆଉ ସୀମାନ୍ତ ଛତିଶ୍‌ଗଡ୍‌ର ରାୟଗଡ୍ ଜିଲ୍ଲାପାଲ୍‌ଙ୍କୁ ପରାମର୍ଶ ଦେଇଛନ୍ । ଇ ବଛର୍ ଝାର୍‌ସୁଗୁଡ଼ା -ଛତିଶ୍‌ଗଡ୍ ଭିତ୍‌ରେ ଗାଡ଼ି ଚଲଉଥିବା ଡ୍ରାଇଭର୍‌ମାନ୍‌କୁ ଇ ବାବ୍‌ଦେ ସତର୍କ କରାଯିବାର୍ ସହେତେ ସୁରକ୍ଷିତ୍ ରହେବାର୍ ଲାଗି ସବୁ ସର୍‌କାରୀ ନିର୍ଦ୍ଦେଶ୍ ପାଲନ୍ କର୍‌ବାର୍‌କେ ପରିବହନ୍ ବିଭାଗ୍ କଡ଼ାକଡ଼ି ତଦାରଖ୍ କର୍‌ବା ବଲି ବୈଠକ୍‌ଥି ନିଷ୍ପତି ନିଆଯାଇଛେ । ୪୯ ନମ୍ବର୍ ଜାତୀୟ ରାଜପଥ ଭିନ୍ ଭିନ୍ ଜାଗା ନ ଜଳଛତ୍ର, କୁଲିଂ ସେଂଟର୍, ଆମ୍ବୁଲେନ୍ସ ବ୍ୟବସ୍ଥା ବାବ୍‌ଦେ ବୈଠକ୍‌ଥି ଆଲୋଚନା କରାଯାଇଥିଲା ।

ବୈଠକ୍‌ଥି ଝାର୍‌ସୁଗୁଡ଼ା ଜିଲ୍ଲା ଆଉ ଛତିଶ୍‌ଗଡ୍‌ର ରାୟଗଡ୍ ଜିଲ୍ଲାର୍ ଜିଲ୍ଲାପାଲ୍, ଦୁହି ରାଜ୍ୟର୍ ବରିଷ୍ଠ ଅଧିକାରୀ, ପରିବହନ୍ ବିଭାଗ୍ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ୍ ଅଧିକାରୀ ଉପସ୍ଥିତ୍ ଥିଲେ ।

ଗ୍ରୀଷ୍ମ ଛୁଟି ଆର୍‌ଏନ୍‌ୟୁ/ ସମ୍ବଲପୁର/ ବୌଦ୍ଧ/ ନୂଆପଡ଼ା

ଗ୍ରୀଷ୍ମ ପ୍ରଭାବକେ ନଜରଥି ରଖିକରି ସମ୍ବଲପୁର୍, ବୌଦ୍ଧ, କଲାହାଣ୍ଡି ଆର୍ ନୂଆପଡ଼ା ଜିଲ୍ଲା ନ ଆଏବା ୨୦ ତାରିଖ୍ ନୁ ୨୨ ତାରିଖ୍‌ତକ୍ ଶିକ୍ଷାନୁଷ୍ଠାନ୍‌ମାନ୍‌କେ ବନ୍ଦ୍ ରଖ୍‌ବାର୍‌କେ ଘୋଷ୍‌ନା କରାଯାଇଛେ । ଗ୍ରୀଷ୍ମଛୁଟି ନିଷ୍ପତି ନେବାର୍‌କେ ଜିଲ୍ଲାପାଲ୍‌ମାନ୍‌କୁ ସର୍‌କାର୍‌ଙ୍କର୍ ତର୍‌ଫୁ ଦାୟିତ୍ୱ ଦିଆଯାଇଛେ । ନୂଆପଡ଼ା ଜିଲ୍ଲାର୍ ୫ ଆଉ ୮ ଶ୍ରେଣୀର ସପ୍ଲିମେଂଟରୀ ପରୀକ୍ଷା ସଖାଲର୍ ୭ ବଜେନୁ ୯ ବଜେତକ୍ ହେବା । ଛାତ୍ରଛାତ୍ରୀମାନ୍‌କର୍ ସୁରକ୍ଷା ଆଉ ସୁବିଧା ସୁନିଶ୍ଚିତ୍ କର୍‌ବାର୍ ଲାଗି  ନିର୍ଦ୍ଦେଶ୍ ଦିଆଯାଇଛେ ।

ଜଳଛତ୍ର        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସଦର୍ ମହକୁମାର ଲୁକ୍‌କର୍ ଗହଲି ରହୁଥିବା ଜାଗାମାନ୍‌କେ ଆଏଜ୍ ପୁଲିସ୍ ତର୍‌ଫୁ ଜଳଛତ୍ର ଶୁଭାରମ୍ଭ କରାଯାଇଛେ । ଆରକ୍ଷୀ ଅଧିକ୍ଷକ୍ ଅମୃତ୍ ପାଲ୍ ସିଂ ଇ ଜଳଛତ୍ର ମୁଲ୍ କରିକରି ଲୁକ୍‌କୁ ଖରା ସମିଆଥି ସତର୍କ ରହେବାର୍‌କେ ପରାମର୍ଶ ଦେଇଛନ୍ ।

ହିଟ୍ ୱେଭ୍- ଆଶ୍ରୟସ୍ଥଳୀ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଗ୍ରୀଷ୍ମପ୍ରବାହକେ ନଜର୍‌ଥି ରଖିକରି ହିଟ୍‌ୱେଭ୍ ଆଶ୍ରୟସ୍ଥଳୀ ତିଆର୍ କରାଯିବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଅଏତ୍‌କା ଗରମ୍ ହଉଥିବା ଜାଗାମାନ୍‌କେ ଇ ଆଶ୍ରୟସ୍ଥଳୀ ତିଆର୍ କରାଯିବା । ଦିନର୍ ୧୧ ବଜେନୁ ଉପର୍‌ବେଲା ୩ ବଜେତକ୍ ଯାତ୍ରୀ ଆଉ ମାଲ୍ ପରିବହନ୍ ଉପ୍‌ରେ ତଦାରଖ୍ କରାଯିବା । ଅଂଶୁଘାତ୍ ଜନିତ ମୃତ୍ୟୁ ରିପୋର୍ଟ ମିଲ୍‌ବାର୍ ୨୪ ଘଂଟା ଉତ୍‌ରୁ ସର୍‌କାର୍ କ୍ଷତିପୂରଣ୍ ଦେବେ ବଲି ଶ୍ରୀ ପୂଜାରୀ କହିଛନ୍ ।

ବିଶ୍ୱ ଐତିହ୍ୟ ଦିବସ ଆର୍‌ଏନ୍‌ୟୁ/ କଟକ୍

ଅନ୍ତର୍ଜାତୀୟ ସ୍ଥାପତ୍ୟ ପରିଷଦର ପ୍ରସ୍ତାବ୍ ଅନ୍‌ସାରେ ଆଝିର୍ ଦିନ୍‌କେ ବିଶ୍ୱ ଐତିହ୍ୟ ଦିବସ୍ ଭାବେ ପାଲନ୍ କର୍‌ବାର୍ ଲାଗି

ମିଲିତ୍ ଜାତିସଂଘର୍ ୟୁନେସ୍କୋ ସଂସ୍ଥା ତର୍ଫୁ ୧୯୮୨ ମସିହାନୁ ନିଷ୍ପତି ନେଇଥିଲା । ସାଂସ୍କୃତିକ୍ ଐତିହ୍ୟର୍ ବିବିଧତା ଉପ୍‌ରେ ଲୁକ୍‌କୁ ସଚେତନ୍ କରାବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ରହିଛେ 'ପ୍ରାକୃତିକ ବିପର୍ଯ୍ୟୟ ଆଉ ସଂଘର୍ଷଥି ବିପଦଗ୍ରସ୍ତ ଐତିହ୍ୟ ।'

ଏଛେନ୍‌ତକ୍ ବିଶ୍ୱ ଐତିହ୍ୟ ତାଲିକାଥି ଭାରତ୍‌ର ୪୩ ଟା ଜାଗା ଥିବାର୍ ବେଲେ ୟୁନେସ୍କୋ ଅସ୍ଥାୟୀ ତାଲିକାଥି ୬୨ ଟା ଠାନ୍ ରହିଛେ । ୧୯୮୩ ମସିହାଥି ଆଗ୍ରା ଦୁର୍ଗ, ତାଜମହଲ୍, ଅଜନ୍ତା ଆଉ ଏଲୋରୋ ଗୁମ୍ଫା ଆଉ ଐତିହ୍ୟ ତାଲକାଥି ସାମିଲ୍ ହେବାର୍ ଉତ୍‌ରୁ କ୍ରମାଗତ ଭାବେ ଅଲ୍‌ଗା ଜାଗାମାନ୍‌କେ ଇଥି ସାମିଲ୍ କରାଯାଉଛେ ।

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଓଡ଼ିଶାର୍ ସାଂସ୍କୃତିକ ଐତିହ୍ୟ ସୁରକ୍ଷା ଉପ୍‌ରେ ଜୋର୍ ଦେଇକରି କହିଛନ୍, ଆଝିର୍ ଦିନ ରାଜ୍ୟର୍ ମହାନ୍ ପରମ୍ପରା ଆଉ ଭବ୍ୟ ମନ୍ଦିର୍ ସାଙ୍ଗେ ଇତାର୍ ସମୃଦ୍ଧ ସାଂସ୍କୃତିକ ଉତ୍ସବ ପାଲନ୍‌ର ଗୁଟେ ପ୍ରତୀକ ଆଏ । ଆଏବା ପିଢ଼ିକେ ଇ ଅମୂଲ୍ୟ ସମ୍ପତିର୍ ସୁରକ୍ଷା କର୍‌ବାର୍ ଲାଗି ରାଜ୍ୟପାଲ୍ ଆହ୍ୱାନ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବିଶ୍ୱ ଐତିହ୍ୟ ଦିବସ୍‌ଥି ଶୁଭେଚ୍ଛା ଜନେଇକରି କହିଛନ୍, ଓଡ଼ିଶାର୍ ନିଜର୍ ମନ୍ଦିର୍, ପ୍ରାଚୀନ ପରମ୍ପରା, ଜୀବନ୍ ସାଂସ୍କୃତିକ୍ ଐତିହ୍ୟ ସାଙ୍ଗେ ଅବିଚ୍ଛିନ୍ନ ପରିଚୟର ଗର୍ବିତ ପ୍ରମାଣ ଭାବେ ରହିଛେ । ସମ୍‌କୁ ମିଶିକରି ଐତିହ୍ୟର୍ ସଂରକ୍ଷଣ୍ ଦିଗେ କାମ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ ।

ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍, ଓଡ଼ିଶାର୍ କଳା, ସ୍ଥାପତ୍ୟ, ଆଉ ଭାସ୍କର୍ଯ୍ୟ ବିଶ୍ୱ ଦର୍‌ବାର୍‌ଥି ଆମର୍ ମାଟିକେ ଗୁଟେ ସ୍ୱତନ୍ତ୍ର ପରିଚୟ ଦେଇଛେ । କୋଣାର୍କ ଚକ୍ରନୁ ନେଇକରି ଶ୍ରୀଜଗନ୍ନାଥ୍ ମନ୍ଦିରର୍ ନୀଳଚକ୍ରତକ୍ ଫିʼ ଶୀଳା ଆମର୍ ପୁର୍‌ଖାପାତିର୍ ବୀରତ୍ୱ ଆଉ କଳାନୈପୁଣ୍ୟତାର ମୁକସାକ୍ଷୀ ଆଏ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ଉପକୂଳ ଓଡ଼ିଶା ଆଉ ଇତାର୍ ଆଖର୍‌ପାଖର୍ ସମୁଦ୍ରଖଁଡ଼ି ଇଲାକା ନ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେଇଛେ । ଇତାର୍‌ପ୍ରଭାବ୍‌ଥି ଆଏବା କାଏଲ୍ ରାଜ୍ୟର୍ ମାଲ୍‌କାନ୍‌ଗିରି, କୋରାପୁଟ୍, ରାୟଗଡ଼ା, କନ୍ଧମାଲ୍, ଗଞ୍ଜାମ୍, ଗଜପତି ଜିଲ୍ଲା

ନ ବିଜ୍‌ଲି ମାରିକରି ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚନା ମିଲିଛେ । ସେଆଡ଼େ ସମ୍ବଲ୍‌ପୁର୍, ବଲାଙ୍ଗିର୍ ଆର୍ ସୁନ୍ଦର୍‌ଗଡ଼୍ ସହେତେ ୧୪ ଟା ଜିଲ୍ଲା ନ ଜବର୍ ତାତି ହେବା । ଆଏଜ୍ ଟିଟିଲାଗଡ଼୍ ନ ରାଜ୍ୟର୍ ସବୁନୁ ଜହ ତାତି ୪୨ ଦଶ୍‌ମିକ୍ ୭ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।